ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail: iprsec.or@nic.in

News ID-IPR/FS&CW (OD)/1283/12-02-2021

# ପିଡିଏସ୍ ସ୍ମାର୍ଟ କାର୍ଡ ପ୍ରସ୍ତୁତ ଅଭିଯୋଗରେ ବିରିଡିର ରମାକାନ୍ତ ରଥଙ୍କ ବିରୁଦ୍ଧରେ ଥାନାରେ ଏତଲା ଦାୟର

ଭୁବନେଶ୍ୱର, ୧୨.୦୨.୨୦୨୧

ସଂପ୍ରତି ଜଗତସିଂହପୁର ଜିଲ୍ଲାର ବିରିଡି ଥାନା ଅନ୍ତର୍ଗତ ଅଣଖିଆ ଗ୍ରାମର ରମାକାନ୍ତ ରଥଙ୍କ ଦ୍ୱାରା ଜାତୀୟ ଖାଦ୍ୟ ସୁରକ୍ଷା ଆଇନରେ ୱାନ୍ ନେସନ୍ ୱାନ୍ କାର୍ଡ କାର୍ଯ୍ୟକ୍ରମ ପାଇଁ ପିଡିଏସ୍ ସ୍ମାର୍ଟ କାର୍ଡ ପ୍ରସ୍ତୁତ କରି ବାଣ୍ଟିବା ଅଭିଯୋଗରେ ବିରିଡି ଥାନାରେ ଏତଲା ଦିଆଯାଇଛି । ଏ ସଂପର୍କରେ ଅଭିଯୋଗ ପାଇବା ପରେ ଜଗତସିଂହପୁର ଜିଲ୍ଲା ଯୋଗାଣ ଅଧିକାରୀଙ୍କ ନେତୃତ୍ୱରେ ଜିଲ୍ଲା ଏନ୍‌ଫୋର୍ସମେଣ୍ଟ ସ୍କାଡ୍ ପକ୍ଷରୁ ବିଧିବଦ୍ଧ ତଦନ୍ତ କରାଯାଇଥିଲା । ତଦନ୍ତ ସମୟରେ ରଥ ଭାଇଟାଲର ମାଲିକ ରମାକାନ୍ତ ରଥ ପିଡିଏସ୍ ସ୍ମାର୍ଟ କାର୍ଡ ପ୍ରସ୍ତୁତ ନିମନ୍ତେ ଆକ୍ୟୁରିକ୍ସ ଇନ୍‌ଫ୍ରାଷ୍ଟ୍ରକଚର ଲିମିଟେଡ୍, ଅଣଖିଆ ନାମରେ ନୂଆଦିଲ୍ଲୀର ଜନକପୁରୀସ୍ଥିତ ଡେଭଲପ୍‌ମେଣ୍ଟ ଷ୍ଟ୍ରକଚର ସଲ୍ୟୁସନ୍ ଆଣ୍ଡ ମ୍ୟାନେଜ୍‌ମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍ ସହିତ ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି ବୋଲି କହିଥିଲେ ।

ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପିଡିଏସ୍ ସ୍ମାର୍ଟ କାର୍ଡ ପ୍ରସ୍ତୁତ ସଂପର୍କରେ ଅବଗତ ନଥିବାବେଳେ ସତ୍ୟାସତ୍ୟ ଜାଣିବା ପାଇଁ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ବୀରବିକ୍ରମ ଯାଦବ ଭାରତ ସରକାରଙ୍କ ଖାଉଟି ବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ ମନ୍ତ୍ରାଳୟର ଖାଦ୍ୟ ଓ ସାଧାରଣ ବଣ୍ଟନ ବିଭାଗ ସଚିବଙ୍କୁ ପତ୍ର ଲେଖିଥିଲେ । ଭାରତ ସରକାରଙ୍କ ଖାଦ୍ୟ ଓ ସାଧାରଣ ବଣ୍ଟନ ବିଭାଗ ପକ୍ଷରୁ ଓଡ଼ିଶାରେ କୌଣସି କମ୍ପାନୀ, ସଂସ୍ଥା କିମ୍ବା ନୋଡାଲ ଏଜେନ୍ସିଙ୍କୁ ଇଣ୍ଟିଗ୍ରେଟେଡ୍ ମ୍ୟାନେଜ୍‌ମେଣ୍ଟ ଅଫ୍ ପିଡିଏସ୍ ଏବଂ ୱାନ୍ ନେସନ୍ ୱାନ୍ କାର୍ଡ ଯୋଜନାରେ ପିଡିଏସ୍ ସ୍ମାର୍ଟ କାର୍ଡ ପ୍ରସ୍ତୁତ କରିବା ପାଇଁ ନିୟୋଜିତ କରାଯାଇନାହିଁ ବୋଲି ସ୍ପଷ୍ଟୀକରଣ ଆସିବା ପରେ ସଂପୃକ୍ତ ରଥ ଭାଇଟାଲର ମାଲିକ ରମାକାନ୍ତ ରଥଙ୍କ ବିରୁଦ୍ଧରେ ଏଫ୍‌ଆଇଆର୍ ଦାଖଲ କରି ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜଗତସିଂହପୁର ଜିଲ୍ଲାପାଳଙ୍କୁ ବିଭାଗ ତରଫରୁ ପତ୍ର ଲେଖାଯାଇଥିଲା । ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ ବିରିଡିର ମାର୍କେଟିଂ ଇନସ୍‌ପେକ୍ଟରଙ୍କ ଦ୍ୱାରା ବିରିଡି ଥାନାରେ ରମାକାନ୍ତ ରଥଙ୍କ ବିରୁଦ୍ଧରେ ଏତଲା ଦାଖଲ କରାଯାଇଛି ଏବଂ ଏ ଦିଗରେ ଅଧିକ ତଦନ୍ତ ଜାରି ରହିଛି ।

ତାପସ ସାହା

ସୂଚନା ଅଧିକାରୀ